# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 May - 2025

**************************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଭାରତୀୟ ବାୟୁସେନା ପକ୍ଷରୁ ଗତକାଲି ମଧ୍ୟରାତ୍ରିରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମିରୀ ଅଞ୍ଚଳରେ ଆରମ୍ଭ ହୋଇଛି 'ଅପରେସନ ସିନ୍ଦୂର'

– ସେନାବାହିନୀର ଅପରେସନ୍ ସିନ୍ଦୂରର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ କଲେ ପ୍ରଶଂସା

- 'ଅପରେସନ ସିନ୍ଦୂର' ପରବର୍ତ୍ତୀ ସମୀକ୍ଷା ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍‌ର ବୈଠକ ଅନୁଷ୍ଠିତ

- ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ରାଜ୍ୟର ୧୨ଟି ସ୍ଥାନରେ ଆଜି ଅପରାହ୍ଣରେ କରାଯିବ ମକଡ୍ରିଲ୍

ଏବଂ

- ଶରୀରକୁ ସୁସ୍ଥ ରଖିବା ଏବଂ ଖେଳରେ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଆଥଲେଟିକ୍ସ ଦିବସ

*Desk*

# ଅପରେସନ ସିନ୍ଦୂର

ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳରେ ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟକରି ଭାରତୀୟ ସେନା ପକ୍ଷରୁ ଗତକାଲି ମଧ୍ୟରାତ୍ରୀରୁ ଅପରେସନ 'ସିନ୍ଦୂର' ଆରମ୍ଭ କରିଛି । ଏହି ଅପରେସନ ମାଧ୍ୟମରେ ପାକିସ୍ତାନର ୯ଟି ଆତଙ୍କବାଦୀ ଅଧ୍ୟୁଷିତ ଅଞ୍ଚଳ ଉପରେ ଅତ୍ୟନ୍ତ ସଂଯମ ଓ ପରିପକ୍ୱତାର ସହ ଯୋଜନାବଦ୍ଧ ଭାବେ ଲକ୍ଷ୍ୟ ଚୟନ କରି ଆକ୍ରମଣ କରାଯାଇଛି ବୋଲି  ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ପାକିସ୍ତାନ ସେନାର କୌଣସି ଶିବିର ଉପରେ ଭାରତୀୟ ସେନା ଆକ୍ରମଣ କରିନାହିଁ । ଭାରତୀୟ ସ୍ଥଳସେନାର କର୍ଣ୍ଣେଲ ସୋଫିଆ କ୍ୟୁରେସି ଏବଂ ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଭୌମିକା ସିଂ ସୂଚନା ଦେଇ କହିଛନ୍ତି, ଏହି ଆକ୍ରମଣ ଦ୍ୱାରା ବହୁ ପରିମାଣରେ  ଆତଙ୍କବାଦୀ ପ୍ରଶିକ୍ଷଣ ଶିବିର ଧ୍ୱଂସ ପାଇଛି ଏବଂ ପହଲଗାମ ଆତଙ୍କବାଦ ଘଟଣାରେ ପିଡ଼ିତମାନଙ୍କୁ ସରକାରଙ୍କ ପକ୍ଷରୁ ନ୍ୟାୟ ପ୍ରଦାନ କରାଯାଇଛି । ଭାରତୀୟ ସ୍ଥଳସେନାର କର୍ଣ୍ଣେଲ ସୋଫିଆ କ୍ୟୁରେସି କହିଛନ୍ତି...

**- V/O -**

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରେସନ୍ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଅପରେସନ୍ 'ସିନ୍ଦୂର' ସମ୍ପର୍କରେ ଅବଗତ କରାଇଛନ୍ତି।

ଅପରେସନ୍ 'ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ଅପରେସନ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରୁଛନ୍ତି। ଅପରେସନର ସଫଳତା ପରେ ପ୍ରଧାନମନ୍ତ୍ରୀ' ସେନାକୁ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ସୀମାବର୍ତ୍ତୀ ରାଜ୍ୟ' ପଞ୍ଜାବ, ରାଜସ୍ଥାନ, ଗୁଜୁରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ, ପଶ୍ଚିମବଙ୍ଗ ଏବଂ ଲଦାଖ ଓ ଜାମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି। ଏହି ବୈଠକରେ ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ ମଧ୍ୟ ସାମିଲ ଅଛନ୍ତି।

ଅପରେସନ 'ସିନ୍ଦୂର' ନେଇ ଆସନ୍ତାକାଲି ପ୍ରଧାନମନ୍ତ୍ରୀ' ସର୍ବଦଳୀୟ ବୈଠକ କରିବେ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଆତଙ୍କବାଦକୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ଭାରତ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆତଙ୍କବାଦ ପ୍ରତି ବିଶ୍ୱ ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରିବା ଆବଶ୍ୟକ ବୋଲି କହିଛନ୍ତି।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅପରେସନ୍ 'ସିନ୍ଦୂର'କୁ ପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରେସନ୍ 'ସିନ୍ଦୂର' ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଭାରତୀୟ ସେନାର ସାହସକୁ ପ୍ରଶଂସା କରିଛନ୍ତି। ଭାରତ କେବଳ ପ୍ରତିରକ୍ଷା କରୁ ନାହିଁ ବରଂ ଆତଙ୍କବାଦ ଉଚ୍ଛେଦ କରିବାକୁ ସମ୍ପୂର୍ଣ୍ଣଭାବେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଅପରେସନ ସିନ୍ଦୂର ଜରିଆରେ ଦିଆଯାଇଛି। ଭାରତୀୟ ସେନାର ଅଦମ୍ୟ ସାହସ, ବୀରତ୍ୱ ଓ ଦୃଢ଼ତା ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O -**

ଅପରେସନ 'ସିନ୍ଦୂର' ପରେ ଅନେକ ଘରୋଇ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦେଶର କେତେକ

ବିମାନବନ୍ଦରରୁ ଉଡ଼ାଣକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଜାମ୍ମୁ ଓ ଶ୍ରୀନଗର, ଲେହ, ଯୋଧପୁର, ଅମ୍ରିତସର, ଭୁଜ ଆଦି ବିଭିନ୍ନ ସ୍ଥାନରୁ ଆସୁଥିବା ବିମାନକୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି।

***Desk***

# ସିଭିଲ୍ ଡିଫେନ୍ସ-ମକ୍ ଡ୍ରିଲ୍

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟର ୧୨ଟି ସ୍ଥାନରେ ସୁରକ୍ଷା ସଂପର୍କିତ ମକ୍‌ଡ୍ରିଲ୍ କରାଯିବ । ସେହି ସ୍ଥାନଗୁଡ଼ିକ ହେଉଛି– ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ତାଳଚେର । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିବ। ପ୍ରଥମ ପର୍ଯ୍ୟାୟରେ ଆଜି ଉପକୂଳବର୍ତ୍ତୀ ଜିଲ୍ଲା ଓ ସହରାଞ୍ଚଳରେ ମକ୍‌ଡ୍ରିଲ୍ କରାଯିବ। ୫ ମିନିଟ୍ ପରେ ପୁଣି ଥରେ ସାଇରନ୍ ବାଜିଲେ ମକ୍‌ଡ୍ରିଲ୍ ଶେଷ ହେବ । ବିଶେଷକରି ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ ଗ୍ରହଣ କରାଯିବାକୁ ଥିବା ପ୍ରତିଷେଧମୂଳକ ବ୍ୟବସ୍ଥା ସମ୍ପର୍କରେ ଲୋକମାନଙ୍କୁ

ସଚେତନ କରାଯିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ। ପର୍ଯ୍ୟାୟକ୍ରମେ ୭ ଦିନ ଧରି ରାଜ୍ୟରେ ସୁରକ୍ଷା ସମ୍ପର୍କିତ ମକ୍‌ଡ୍ରିଲ୍ ହେବ ।

***BBSR/R***

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

***Puri***

## ଇସ୍କନ ମୁଖଙ୍କୁ ଚିଠି

ଦୀଘା ଶ୍ରୀଜଗନ୍ନାଥ ମନ୍ଦିରକୁ ନେଇ ଉପୁଜିଥିବା ବିବାଦ ସମ୍ପର୍କରେ ଗଜପତି ମହାରାଜ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି। ପୁରୀ ମୂଳପୀଠ ହୋଇଥିବା ବେଳେ ଏହା ନୀଳଚଳଧାମ ଭାବେ ପରିଚିତ। ତେଣୁ ଦୀଘାରେ ନିର୍ମାଣ କରାଯାଇଥିବା ଶ୍ରୀଜଗନ୍ନାଥ ମନ୍ଦିର ଧାମ ହୋଇ ନ ଥିବାରୁ ସେଠାରୁ ଧାମ ନାମକୁ ହଟାଇବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ଗଜପତି ଚିଠିରେ ଉଲ୍ଲେଖ କରିଛନ୍ତି। ଇସ୍କନର କିଛି ସଦସ୍ୟ ଦୀଘା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡରେ ସଦସ୍ୟ ହୋଇଥିବାରୁ

ଧାମ ଫଳକ ହଟାଯିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଗଜପତି ଚିଠି ମାଧ୍ୟମରେ ଜଣାଇଛନ୍ତି।

***Desk***

## ମୁଖ୍ୟମନ୍ତ୍ରୀ- ସହାୟତା ରାଶି

ଭଦ୍ରକ ଚାନ୍ଦବାଲି ଅଞ୍ଚଳର ହଳଦିଡିହ ଗାଁରେ ଗତକାଲି ଘଟିଥିବା ବାଣ ଦୁର୍ଘଟଣାରେ ଦୁଇଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କ ପରିବାରବର୍ଗଙ୍କୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

***Puri***

## ଇସ୍କନ ମୁଖଙ୍କୁ ଚିଠି

ଦୀଘା ଶ୍ରୀଜଗନ୍ନାଥ ମନ୍ଦିରକୁ ନେଇ ଉପୁଜିଥିବା ବିବାଦ ସମ୍ପର୍କରେ ଗଜପତି ମହାରାଜ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି। ପୁରୀ ମୂଳପୀଠ ହୋଇଥିବା ବେଳେ ଏହା ନୀଳଚଳଧାମ ଭାବେ ପରିଚିତ। ତେଣୁ ଦୀଘାରେ ନିର୍ମାଣ କରାଯାଇଥିବା ଶ୍ରୀଜଗନ୍ନାଥ ମନ୍ଦିର ଧାମ ହୋଇ ନ ଥିବାରୁ ସେଠାରୁ ଧାମ ନାମକୁ ହଟାଇବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ପୁରୀ ଗଜପତି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଇସ୍କନର କିଛି ସଦସ୍ୟ ଦୀଘା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡରେ ସଦସ୍ୟ

ହୋଇଥିବାରୁ ଧାମ ଫଳକ ହଟାଯିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଗଜପତି ମାହରାଜ ଚିଠି ମାଧ୍ୟମରେ ଜଣାଇଛନ୍ତି।

***Desk***

## ଉପମୁଖ୍ୟମନ୍ତ୍ରୀ- ସ୍ୱାସ୍ଥ୍ୟ ସପ୍ତାହ

ରାଜ୍ୟର ସମସ୍ତ ସ୍କୁଲ, କଲେଜ, ସ୍ୱାସ୍ଥ୍ୟକ୍ଷେତ୍ରର ସବୁ ଅନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ। ସବୁ ବର୍ଗରେ ଲୋକମାନେ ମାନସିକ ଚାପମୁକ୍ତ ହୋଇ ସୁସ୍ଥ ଜୀବନଶୈଳୀ ବିତେଇ ପାରିବେ ସେ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O –**

***Desk***

## ସୁଭଦ୍ରା କାଫେ

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରସ୍ଥିତ ପ୍ରାକୃତିକ ଆନନ୍ଦବନଠାରେ ସୁଭଦ୍ରା ଶକ୍ତି କାଫେକୁ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀପତୀ ପରିଡ଼ା ଉଦ୍‌ଘାଟନ କରି କହିଛନ୍ତି, ଉଦ୍ୟୋଗପତି ଆଡ଼କୁ ରାଜ୍ୟର ମହିଳାମାନେ ଅଗସ୍ର ହେଉଛନ୍ତି। ୧୦ ଲକ୍ଷ ଟଙ୍କା ଋଣ

ନେଇ ମହିଳାମାନେ ଏହି କାଫେକୁ ଆରମ୍ଭ କରିଛନ୍ତି । ଏହି କାଫେରେ ମିଲେଟରୁ ପ୍ରସ୍ତୁତ ପୋଷଣଯୁକ୍ତ ଖାଦ୍ୟ ପର୍ଯ୍ୟଟକଙ୍କୁ ପ୍ରଦାନ କରାଯିବ । ପୂର୍ବରୁ ଆନନ୍ଦବନରେ ଗୋଟିଏ ସୁଭଦ୍ରା ଶକ୍ତି କାଫେ ଥିବାବେଳେ ଆଉ ଗୋଟିଏ କାଫେ ଆରମ୍ଭ ହୋଇଛି ।

***Boudh***

## ଜିଲ୍ଲାସ୍ତରୀୟ କମିଟି ବୈଠକ

ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପ୍ରଥମ ଜିଲ୍ଲାସ୍ତରୀୟ କମିଟି ବୈଠକ ବୌଦ୍ଧଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାଥମିକସ୍ତରରେ ପ୍ରକଳ୍ପ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିବରଣୀ ପ୍ରଦାନ କରାଯାଇଥିଲା । ଜିଲ୍ଲାର ମୋଟ୍ ୨୧ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପ୍ରାଥମିକ ଭାବେ ଏହି ଯୋଜନାରେ କାର୍ଯ୍ୟ କରିବାକୁ ସାମିଲ କରାଯାଇଛି ।

***Rayagada***

## ସମୀକ୍ଷା ବୈଠକ

ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ତଦାରଖ ପାଇଁ ଜିଲ୍ଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାୟଲୋଚନ– ଦିସା ବୈଠକ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି

ଯୋଜନା, ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୃଷି ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରାଯାଇଥିଲା ।

***Desk***

## ଆଥଲେଟିକ୍ସ ଦିବସ

ଶାରୀରିକ ସୁସ୍ଥତା ପ୍ରଚାର, ଆଥଲେଟିକ୍ସରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ମଇ ମାସ ୭ ତାରିଖରେ ଏହି ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ । ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଇଥିଲା । ସମସ୍ତଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସକ୍ରିୟ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ପାଇଁ ଆନ୍ତର୍ଜାତିକ ଆର୍ମେଚର ଆଥଲେଟିକ୍ସ ଫେଡେରେସନ୍-ଆଇ.ଏ.ଏ.ଏଫ୍. ପକ୍ଷରୁ ଏହି ଦିବସ ପାଳନ କରାଯାଉଛି ।

***MET***

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ  ଦିନର ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର,

କଳହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନକୁ ସ୍ପର୍ଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।